# ତହସିଲଦାରଙ୍କ କାର୍ଯ୍ୟାଳୟ , ପାଟଣାଗଡ

## ଇସ୍ତାହାର

ବିଜ୍ଞାପନ ସଂଖ୍ୟା : 3190

ତାରିଖ : 16.11.2020

### ଲଘୁଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ , ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଅଧିନସ୍ଥ ପାଟଣାଗଡ ତହସିଲ ଅନ୍ତର୍ଗତ ନିମ୍ନ ବର୍ଣ୍ଣିତ ନଦୀ ବାଲିର ଆସନ୍ତା 5 ବର୍ଷ ନିମନ୍ତେ ସନ 2020-21 ଆର୍ଥିକ ବର୍ଷ ଠାରୁ 2024-25 ବର୍ଷ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ( ସଂଶୋଧନ ) 2016 ଆଇନ ଅନୁଯାୟୀ ଫର୍ମ – ନଂ M ପୂରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟକ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାଫାରେ ତହସିଲଦାର , ପାଟଣାଗଡ ଠିକଣାରେ ତହସିଲ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ଆସନ୍ତା ତା : 23.11.2020 ରିଖ ଠାରୁ ତା : 25.11.2020 ରିଖ ସମୟ ଅପରାହ୍ନ 4.00 ଘଟିକା ପର୍ଯ୍ୟନ୍ତ ପକାଇପାରିବେ । ତହସିଲ କାର୍ଯ୍ୟାଳୟର ଟେଣ୍ଡର ବାକ୍ସ ତା : 25.11.2020 ରିଖ ଅପରାହ୍ନ 5.00 ଘଟିକା ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଧାର୍ଯ୍ୟ ସମୟ ଓ ତାରିଖ ଅତିବାହିତ ହେବା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ତନଖି ସମୟରେ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟରେ କେହି ଅନୁପସ୍ଥିତ ରହିଲେ ସେଥିପାଇଁ ନିଲାମ କାର୍ଯ୍ୟ ଅଟକିବ ନାହିଁ । ଏହି ସଇରାତ ଉତ୍ସ ଗୁଡିକର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା ୱେବସାଇଟ www. Balangir.nic.in ରେ ଉପଲବ୍ଧ ଅଟେ । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ ( ଗୋଟିଏ ଲଫାଫାରେ )**

୧. ଦରଖାସ୍ତ ଫିଜ ବାବଦକୁ ଟ. 1000 /- ଏକ ହଜାର ଟଙ୍କାର ଟ୍ରେଜେରୀ ଚାଲାଣ ନିମ୍ନ ହେଡରେ ପ୍ରଦାନ କରିବେ ( Head of Account -0853 Non Ferrous mining & Metallurgical Industries-102- Mineral Concession fees rent and royalties)

୨. ସଇରାତ ଉତ୍ସ ବାବଦକୁ କୌଣସି ବକେୟା ଦେୟ ନଥିବା ସମ୍ବନ୍ଧରେ ସତ୍ୟପାଠ ପ୍ରଦାନ କରିବେ ।

୩. ଆବେଦନକାରୀ ରୟାଲଟି ଓ ଅତିରିକ୍ତ ଦେୟ ବାବଦକୁ ବର୍ଷକୁ ୫% ହାରରେ ସ୍ଥିରୀକୃତ ହୋଇଥିବା ବାଲି/ପଥର ପରିମାଣ ଉପରେ ଅମାନତ ରାଶି ( Earnest Money ) ଦେୟ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ପଇଠ କରିବେ ।

୪. **Rule 27 (IV) of OMMC, Rule 2016** ମୁତାବକ 18 ମାସ ପର୍ଯ୍ୟନ୍ତ ଅବଧି ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ( ଦରଖାସ୍ତକାରୀଙ୍କ ନିଜ ନାମରେ ଥିବା ଉଚିତ ) ଯାହାକି ଦରଖାସ୍ତ କରୁଥିବା ସଇରାତ ଉତ୍ସର ବାର୍ଷିକ ମୂଲ୍ୟ { (minimum guaranteed Quantity × ( Royalty+ Additional Charges) } ଠାରୁ ଅଧିକ ହୋଇଥିବ । ସେହି ହିସାବରେ ଯେଉଁ ବ୍ୟକ୍ତି ଯେତେ ଟଙ୍କାର ଅତିରିକ୍ତ ଦେୟ ( Additional Charge) ) Form-M ରେ ଦର୍ଶାଇଥିବେ ସେହି ଅତିରିକ୍ତ ଦେୟ (Additional Charges) ମୁତାବକ ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରିବେ ।

୫. ଆବେଦନ କରିଥିବା ଲିଜ ଜମିର ସଂପୂର୍ଣ୍ଣ ବିବରଣୀ ଓ ସରଜମିନ ପରିଦର୍ଶନ କରି ସଂଲଗ୍ନ କରିବେ ।

୬. ସର୍ବୋଚ୍ଚ ନିଲାମ ଡକାଳି ( Successful Bidder) Mining Plan and Environmental Clearance ବାବଦକୁ ଦେୟ ପଇଠ କରିବେ ।

ତହସିଲଦାର , ପାଟଣାଗଡ

| କ୍ର : ନଂ | ସାଇରାତ ଉତ୍ସର ନାମ ଏବଂ କେଶ ନଂ | ମୌଜା | ଖାତା ନଂ | ପ୍ଲଟ ନଂ | ରକବା (in Ac) | କିସମ | ଲଘୁ ଖଣିଜ ନାମ | ସର୍ବନିମ୍ନ ରୟାଲଟି ମୂଲ୍ୟ ଟଙ୍କାରେ | ଅତିରିକ୍ତ ଦେୟ ଟଙ୍କାରେ | **M .GQ ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ବାଲି/ପଥର ର ପରିମାଣ** | ଅଗ୍ରୀମ ଦାଖଲ କରିବାକୁ ଥିବା ଅମାନତ ରାଶି (Earnest Money) ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୩ |
| ୧। | ଧୁବଲପଡା ବାଲି ଉତ୍ସ | ଧୁବଲପଡା | 155 | 112 | Ac.10.00 | ନଦୀ | ବାଲି | 35.00 | 4.00 | 2000.4 | 3,901/- |

ତହସିଲଦାର , ପାଟଣାଗଡ

ପରିପତ୍ର ସଂଖ୍ୟା 3191 ତାରିଖ 16.11.2020

ଏହାର ଏକକିତା ନକଲ ଜିଲ୍ଲାପାଳ , ବଲାଙ୍ଗିର / ଉପ-ଜିଲ୍ଲାପାଳ, ପାଟଣାଗଡ / କାର୍ଯ୍ୟ ନିର୍ବାହୀ ଅଧିକାରୀ , ବିଜ୍ଞାପିତ ଅଞ୍ଚଳ ପରିଷଦ , ପାଟଣାଗଡ / ଗୋଷ୍ଠୀ ଉନ୍ନୟନ ଅଧିକାରୀ , ପାଟଣାଗଡ ଙ୍କ ଅବଗତି ତଥା ବହୁଳ ପ୍ରସାର ନିମନ୍ତେ ତାଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ତଥା କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ପାଟଣାଗଡର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

ଏହାର ଏକକିତା ନକଲ D.I.O, NIC, କିଲଟରୀ , ବଲାଙ୍ଗିରଙ୍କୁ ଜିଲ୍ଲା ୱେବସାଇଟ ରେ ପ୍ରକାଶନ କରିବା ପାଇଁ ପ୍ରେରଣ କରାଗଲା ।

ତହସିଲଦାର , ପାଟଣାଗଡ